## ସ୍ପଷ୍ଟୀକରଣ/ ଅଭିଯୋଗର ଖଣ୍ଡନ:

ପ୍ରତିଥର କିଛି କିଛି ବର୍ଷ ବ୍ୟବଧାନରେ, ନିର୍ବାଚନ ବେଳେ ଅବା ଯେତେବେଳେ ମୁଁ ନିହିତ ସ୍ୱାର୍ଥ ବିରୋଧରେ ବା କେହି ନିହିତ ସ୍ୱାର୍ଥଧାରୀ ବ୍ୟକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଏକ କାରଣ/ବିଷୟକୁ ସମର୍ଥନ କରେ ଓ ପଦକ୍ଷେପ ନିଏ, ସେତେବେଳେ ମୁଁ ଆକ୍ରମଣର ଶିକାର ହୋଇଥାଏ  ବା ମୋ ବିରୋଧରେ ଅଭିଯୋଗ ଆସେ । (ଉଦାହରଣ ସ୍ୱରୂପ: ଯେତେବେଳେ ମୁଁ ପାର୍ଲାମେଣ୍ଟ କ୍ୟାଣ୍ଟିନରୁ ରିହାତି ଉଚ୍ଛେଦ କରିବାରେ ସଫଳ ହୋଇଥିଲି)

ସାଧାରଣତଃ ସେହି ଅଭିଯୋଗଗୁଡ଼ିକୁ ପୁଣିଥରେ କରାଯାଏ, ଯେଉଁଗୁଡ଼ିକୁ ପୂର୍ବରୁ ଅନେକଥର ଖଣ୍ଡନ କରାଯାଇସାରିଛି, ସ୍ପଷ୍ଟୀକରଣ ଦିଆଯାଇସାରିଛି । ତଥାପି, ଅନ୍‌ଲାଇନ୍ ଟ୍ରୋଲ୍‌ଙ୍କ ବ୍ୟତୀତ, ଆହୁରି ଅନେକ ଭଲ ଲୋକ ଅଛନ୍ତି, ଯେଉଁମାନେ ପୂର୍ବରୁ ଦିଆଯାଇଥିବା ସ୍ପଷ୍ଟୀକରଣଗୁଡ଼ିକ ବିଷୟରେ ଜାଣିନାହାନ୍ତି, ତେଣୁ ସେମାନେ କରିଥିବା ପ୍ରଶ୍ନ ଯୁକ୍ତିସଙ୍ଗତ । ଏବେ ଦୀର୍ଘ ବର୍ଷ ହେଲାଣି, ମୁଁ ସ୍ପଷ୍ଟୀକରଣ/ଖଣ୍ଡନଗୁଡ଼ିକୁ ସଂକ୍ଷିପ୍ତ କରି ମୋର ୱେବ୍‌ସାଇଟ୍‌ରେ ପ୍ରକାଶ କରୁଛି, ଯେଉଁଥିରେ ସମସ୍ତ ପ୍ରକୃତ ପ୍ରଶ୍ନ କରୁଥିବା ବ୍ୟକ୍ତି ଉତ୍ତର ପାଇପାରିବେ ।

## ନୂଆ ଅଭିଯୋଗ:

## "ମନି ଲଣ୍ଡରିଂ ଅଭିଯୋଗ"

କେହି ଜଣେ ଅଜ୍ଞାତ ବ୍ୟକ୍ତି, ମୋ ପରିବାର ସହ ସମ୍ପୃକ୍ତ ଏକ କମ୍ପାନୀ ବିରୋଧରେ କରିଥିବା ମନି ଲଣ୍ଡରିଂ ଅଭିଯୋଗକୁ ନେଇ ଗଣମାଧ୍ୟମ ସଂସ୍ଥା 'ଦି ଇଣ୍ଡିଆନ ଏକ୍ସପ୍ରେସ' ଏକ ରିପୋର୍ଟ ପ୍ରକାଶ କରିଥିଲା । ରିପୋର୍ଟ ପ୍ରକାଶ କରିବା ପୂର୍ବରୁ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ମୋତେ ପ୍ରତିକ୍ରିୟା ଦେବା ପାଇଁ ଯୋଗାଯୋଗ କରାଯାଇଥିଲା, ଯାହାର ମୁଁ ଏହି ପ୍ରତିକ୍ରିୟା ଦେଇଛି:-

## ସଂକ୍ଷିପ୍ତ ପ୍ରତିକ୍ରିୟା:

୧. ଭୁଲ କରିଥିବା, ଅଭିଯୋଗକୁ ମୁଁ ଦୃଢ଼ ଖଣ୍ଡନ କରୁଛି ।
୨. ହଜାର ହଜାର ନିଯୁକ୍ତି ସୃଷ୍ଟି କରିବାରେ ମୋ ପାରିବାରିକ କମ୍ପାନୀର ୬୦ ବର୍ଷରୁ ଊର୍ଦ୍ଧ୍ୱ ରେକର୍ଡ ଅଛି । ଏହି କମ୍ପାନୀଗୁଡ଼ିକ ଅନେକ ବିଦେଶୀ ସଂସ୍ଥା ସହ କାରବାର କରିଛନ୍ତି, ଯେଉଁଥିରେ ନିବେଶ ଗ୍ରହଣ ଓ ଋଣ ଦେବା ଭଳି କାରବାର ମଧ୍ୟ ରହିଛି ।

୩. ଏଗୁଡ଼ିକ ମଧ୍ୟରୁ କେତେକରେ ଲାଭ ମିଳିଛି ଓ କେତେକରେ କ୍ଷତି ସହିବାକୁ ପଡ଼ିଛି । ଏହା ହିଁ ହେଉଛି ବ୍ୟବସାୟର ପ୍ରକୃତି ।
୪. ତେବେ ସବୁ କାରବାର ବା ନେଣଦେଣ ସଠିକ୍ ଢଙ୍ଗରେ ଓ ଉପଯୁକ୍ତ ଅଧିକୃତ ମଞ୍ଜୁରୀ ସହ କରାଯାଇଛି ଏବଂ ଏଗୁଡ଼ିକୁ ନଥିଭୁକ୍ତ କରାଯାଇଛି ତଥା ସମସ୍ତଙ୍କ ପାଇଁ ଏହା ଉପଲବ୍ଧ ରହିଛି ।

**ସମ୍ପୂର୍ଣ୍ଣ ପ୍ରତିକ୍ରିୟା:**

"ମୋ ବିରୋଧରେ ଓ ମୋ ପରିବାର ବିରୋଧରେ ଆପଣ ମେଲ୍‌ରେ ଯେଉଁ ଅଭିଯୋଗ ବିଷୟରେ ଦର୍ଶାଇଛନ୍ତି, ତାହା ଜାଣି ମୁଁ ସ୍ତବ୍ଧ ଓ ନିରାଶ ହୋଇଛି । କିନ୍ତୁ ଏବେ ଆଉ ବେଶୀ ଆଶ୍ଚର୍ଯ୍ୟର କଥା ନୁହେଁ, ଯେହେତୁ ଆପଣ ଦର୍ଶାଇନାହାନ୍ତି ଯେ ଏହି ଅଭିଯୋଗଗୁଡ଼ିକୁ କିଏ କରିଛନ୍ତି । ଏବେ ଏହା ଏକ ଅଭ୍ୟାସ ହୋଇଗଲାଣି କି ଠିକ୍ ପ୍ରତି ନିର୍ବାଚନ ପୂର୍ବରୁ କିମ୍ବା ଯେତେବେଳେ ମୁଁ ଏକ ବିଶେଷ ପଦକ୍ଷେପ ନିଏ, ଯାହା କୌଣସି ନିର୍ଦ୍ଦିଷ୍ଟ ନିହିତ ସ୍ୱାର୍ଥ ବିରୋଧରେ ଥାଏ, ସେତେବେଳେ ମୋ ବିରୋଧରେ ନିୟମିତ ଭାବେ ଏହିଭଳି ଅଭିଯୋଗ ଉଠିଥାଏ । ବର୍ଷ ବର୍ଷ ହେଲା, ମୋ ସମ୍ମାନ, ଲୋକପ୍ରିୟତାକୁ ମଳିନ କରୁଥିବା ଏଭଳି ଅପଚେଷ୍ଟାଗୁଡ଼ିକୁ ମୋର ୱେବ୍‌ସାଇଟ୍‌ରେ ଏକ ସଂକ୍ଷିପ୍ତ ସ୍ପଷ୍ଟୀକରଣ ମାଧ୍ୟମରେ ମୁଁ ଖଣ୍ଡନ କରିଆସୁଛି ।

ଏହି କ୍ଷେତ୍ରରେ ମଧ୍ୟ, ଅଭିଯୋଗକୁ ମୁଁ ଦୃଢ଼ ଭାବେ ଖଣ୍ଡନ କରୁଛି । ମୁଁ ଏଭଳି ଏକ ଉଦ୍ୟୋଗୀ ପରିବାରରୁ ଆସିଛି, ଯାହାର ଭାରତରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ଦେଉଥିବା ଘରୋଇ ଓ ରାଷ୍ଟ୍ରାୟତ୍ତ କମ୍ପାନୀ ନିର୍ମାଣ କରିବା ଏବଂ ଚଳାଇବା ସଙ୍ଗେ ସଙ୍ଗେ ବିଶ୍ୱବ୍ୟାପୀ ଆଇନସମ୍ମତ କାରବାର କରିବାର ୬୦ ବର୍ଷର ଟ୍ରାକ୍ ରେକର୍ଡ ରହିଛି । ଯେଉଁ କମ୍ପାନୀ ବିଷୟରେ ଆପଣ କହୁଛନ୍ତି, 'ଓର୍‌ଟେଲ୍' ସେହି କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ ଓ ଯାହାର ୨୫ ବର୍ଷର ରେକର୍ଡ ଅଛି । ଭାରତରେ ଇଣ୍ଟରନେଟ୍ ସେବା ପ୍ରଦାନ କରିବା ଲାଗି ସରକାରଙ୍କଠାରୁ ଲାଇସେନ୍ସ ପାଇବାରେ ନବେ ଦଶକରେ ଏହା ପ୍ରଥମ କମ୍ପାନୀ ଥିଲା ଓ ଏହି କ୍ଷେତ୍ରରେ ଏହା ଅଗ୍ରଣୀ ହୋଇଆସୁଛି ।

ଏହା ଏକ ଟେକ୍ନୋଲୋଜି କମ୍ପାନୀ, ଯାହା ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଏବଂ ଉଭୟ ଘରୋଇ ଓ ଅର୍ନ୍ତଜାତୀୟ ନିବେଶକ ତଥା ଋଣଦାତାଙ୍କଠାରୁ ପୁଞ୍ଜି (ଭେଞ୍ଚର କ୍ୟାପିଟାଲ), ଅଂଶଧନ (ପ୍ରାଇଭେଟ୍ ଇକ୍ୱିଟି) ଏବଂ ଋଣ କାରବାର କରିବାରେ ଏହାର ଦୁଇ ଦଶନ୍ଧିର ରେକର୍ଡ ରହିଛି । ଏମାନଙ୍କ ମଧ୍ୟରେ ଅନେକ ପ୍ରମୁଖ ବିଶ୍ୱସ୍ତରୀୟ ଆନୁଷ୍ଠାନିକ ନିବେଶକଙ୍କ ସହ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଗୁରୁତ୍ୱ ଦେଉଥିବା କ୍ଷୁଦ୍ର ନିବେଶକ ମଧ୍ୟ ରହିଛନ୍ତି, ଯେଉଁମାନେ ଅନ୍ତର୍ଜାତୀୟ ସ୍ତରରେ ବ୍ୟାପକ ଭାବେ ନିବେଶ କରୁଛନ୍ତି । ଏହାକୁ ଅପ୍ରାସଙ୍ଗିକ ଭାବିବା ବଦଳରେ ଆପଣ ଏହାର ଯାଞ୍ଚ କରିପାରିବେ ।

ଯେଉଁ କାରବାର ବିଷୟରେ ଆପଣ ଉଲ୍ଲେଖ କରିଛନ୍ତି, ସେଗୁଡ଼ିକ ଦୁଇ ଦଶନ୍ଧି ପୁରୁଣା । ମୋ ଜାଣିବାରେ ଏହି କାରବାରଗୁଡ଼ିକ ସାଧାରଣ ନିୟାମକ ମାନଦଣ୍ଡଗୁଡ଼ିକୁ ପୂରଣ କରୁଛି ଏବଂ ଆବଶ୍ୟକୀୟ ଅନୁମୋଦନ ପାଇଛି । ସେୟାର ମୂଲ୍ୟ ଉପରେ ଆପଣଙ୍କ ପ୍ରଶ୍ନ ସମ୍ବନ୍ଧରେ ଉତ୍ତର ହେଉଛି, ପ୍ରଯୁକ୍ତି କ୍ଷେତ୍ରରେ ଅସ୍ଥିରତା ହେଉଛି ଏକ ସାଧାରଣ ଘଟଣା, ବିଶେଷତଃ କ୍ଷୁଦ୍ର ଷ୍ଟାର୍ଟଅପ୍ କ୍ଷେତ୍ରରେ, ଯେଉଁଥିପାଇଁ ରିଟର୍ଣ୍ଣ ଲାଭ କରିବାରେ ଅଧିକ ସମୟ ଲାଗିପାରେ, ଯେପରି ଏହି କ୍ଷେତ୍ରରେ ହୋଇଥିଲା । ଏହି କମ୍ପାନୀ ତାଲିକାଭୁକ୍ତ ହୋଇଥିବା ସତ୍ତ୍ୱେ, ଏହାର ସେୟାର ମୂଲ୍ୟରେ ଉତ୍‌ଥାନ ପତନ ହୋଇଛି, ଏମିତି କି ଗୋଟିଏ ସମାନ ବର୍ଷ ଭିତରେ ମଧ୍ୟ । ଟ୍ରେଡିଙ୍ଗ ରେକର୍ଡରୁ ଆପଣ ଏହାର ଯାଞ୍ଚ କରିପାରିବେ । ସେୟାର ମୂଲ୍ୟ କେବେକେବେ ୨୦୦ ଟଙ୍କାରୁ ଅଧିକ ହୋଇଛି ତ କେବେକେବେ ବିଶେଷ କରି ଗତ ୩ ବର୍ଷ ମଧ୍ୟରେ ଟେଲିକମ୍ କ୍ଷେତ୍ରରେ ବାଧା ଦେଖାଦେବା ପରେ ୫ ଟଙ୍କାରୁ ତଳକୁ ଖସିଯାଇଛି ।

ବିଭିନ୍ନ ନିବେଶକଙ୍କ ନିକଟରେ ରିସ୍କ ନେବାର ଭିନ୍ନ ଭିନ୍ନ କ୍ଷମତା ରହିଛି । ଏଥିସହ ସବୁ ନିବେଶକ ଗୋଟିଏ ସ୍ଥାନର ନୁହେଁ ତଥା ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଆମ ପରିବାର ସେୟାର କ୍ରୟ କରି ଲାଭ ପାଇଛି ଏବଂ କ୍ଷତି ମଧ୍ୟ ସହିଛି । ବର୍ଷ ବର୍ଷ ଧରି ରହିଥିବା କମ୍ପାନୀର ବ୍ୟାବସାୟିକ ରେକର୍ଡରୁ ଏହାକୁ ଯାଞ୍ଚ କରିପାରିବେ, ଯେଉଁଥିରେ ନିବେଶରୁ ମିଳିଥିବା କ୍ଷତି ବିଷୟରେ ଉଲ୍ଲେଖ ରହିଛି । ଉଦ୍ଦେଶ୍ୟମୂଳକ ଭାବେ ଲାଭ ଏବଂ କ୍ଷତି କରାଯାଇ ନାହିଁ, ଏହା ହେଉଛି ନିବେଶକଙ୍କ ଦ୍ୱାରା ଭାବିଚିନ୍ତି କରାଯାଇଥିବା ରିସ୍କ (କାଲ୍‌କୁଲେଟେଡ ରିସ୍କ), ଯେଉଁଥିରେ କାହାକୁ ଲାଭ ମଧ୍ୟ ମିଳିଛି ଏବଂ କାହାକୁ କ୍ଷତି ସହିବାକୁ ପଡ଼ିଛି ।"

## ପୁରୁଣା ଅଭିଯୋଗ:

### "ମିଥ୍ୟା ସତ୍ୟପାଠ ମାମଲା"

ମୋତେ ବିଜେଡିରୁ ନିଲମ୍ବିତ କରାଯିବା ପରେ କେତେକ ନିହିତ ସ୍ୱାର୍ଥଧାରୀ ବ୍ୟକ୍ତି ମୋ ବିରୋଧରେ ମିଥ୍ୟା ନିର୍ବାଚନ ସତ୍ୟପାଠ ଦାଖଲ ଅଭିଯୋଗ, ବିଶେଷ କରି ଆୟ ବିବରଣୀ ଦିଆଯାଇ ନ ଥିବା ଅଭିଯୋଗ କରି ଏକ ମାମଲା ରୁଜୁ କରିଥିଲେ । ମୁଁ ଏହି ଅଭିଯୋଗଗୁଡ଼ିକୁ ଦୃଢ଼ ଭାବେ ଖଣ୍ଡନ କରିଆସିଛି ଏବଂ ଭାରତୀୟ ନିର୍ବାଚନ ଆୟୋଗ ନିକଟରେ ଏହି ମାମଲାକୁ ଉପସ୍ଥାପିତ କରିବା ପାଇଁ ପିଟିସନରଙ୍କୁ ଆହ୍ୱାନ କରିଛି । କିନ୍ତୁ ଏହା ବଦଳରେ, ସେମାନେ ନ୍ୟାୟାଳୟରେ ଏହି ମାମଲାକୁ ଦାଖଲ କରିଛନ୍ତି ଏବଂ ଶୁଣାଣି ପାଇଁ ସମୟ ମାଗି ଅପପ୍ରଚାର କରିବା ପାଇଁ ଚେଷ୍ଟା କରୁଛନ୍ତି । ତେବେ ଏହି ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲା ଉପରେ ରହିତାଦେଶ ଲଗାଇଛନ୍ତି ।

## "ଅଜିତ ଯୋଗୀ/ଚିଦାମ୍ବରମ/ଏଫ୍ଆଇପିବି"

୨୦୧୭ ଅଗଷ୍ଟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥ ମନ୍ତ୍ରୀ ପି. ଚିଦାମ୍ବରମ ଏବଂ ତାଙ୍କ ପୁତ୍ର କାର୍ତ୍ତି ଚିଦାମ୍ବରମଙ୍କ ବିରୋଧରେ ଅନେକ ଅଭିଯୋଗ ଉଠାଇଥିଲେ। ମୋର ପରିବାରର ସମ୍ବନ୍ଧ ଥିବା ଅର୍‌ଟେଲ କମ୍ୟୁନିକେସନ ପାଇଁ ତତ୍କାଳୀନ ବିଦେଶୀ ପୁଞ୍ଜି ନିବେଶ ପ୍ରୋତ୍ସାହନ ବୋର୍ଡ (ଏଫ୍ଆଇପିବି)ଠାରୁ ଅନୈତିକ ଅନୁଗ୍ରହ ନିଆଯାଇଥିବା ଏଗୁଡ଼ିକ ମଧ୍ୟରେ ଅନ୍ୟତମ ଅଭିଯୋଗ ଥିଲା। ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା। ବାସ୍ତବରେ, ୧୯୯୯ ଓ ୨୦୦୮ରେ ଜଣାଶୁଣା ଗ୍ଲୋବାଲ ପ୍ରାଇଭେଟ ଇକ୍ୱିଟି ଫଣ୍ଡଠାରୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ଗ୍ରହଣ କରିବା ଲାଗି ଏଫ୍ଆଇପିବି ପକ୍ଷରୁ କମ୍ପାନୀକୁ ଅନୁମତି ମିଳିଥିଲା ଏବଂ ଏକ ପ୍ରାରମ୍ଭିକ ସାର୍ବଜନିକ ପ୍ରସ୍ତାବ (ଆଇପିଓ) ରହିଥିଲା। ଏଫ୍‌ଡିଆଇ ଆକୃଷ୍ଟ କରିବା ଲାଗି କମ୍ପାନୀ ଆର୍‌ବିଆଇ ଓ ଏଫ୍ଇଏମ୍ଏର ସମସ୍ତ ନିୟମାବଳୀର ପାଳନ କରିଥିଲା ଏବଂ କୌଣସି ସ୍ୱତନ୍ତ୍ର ଅନୁମତି ଆବଶ୍ୟକ କରୁ ନ ଥିବାରୁ ଏ କ୍ଷେତ୍ରରେ କୌଣସି ଅନୁଗ୍ରହ ଦେଖାଯାଇ ନାହିଁ। ଏଣୁ ପି. ଚିଦାମ୍ବରମ୍ କିମ୍ବା ତାଙ୍କ ପୁତ୍ରଙ୍କ ସହ କମ୍ପାନୀର କୌଣସି ସମ୍ପର୍କ ନାହିଁ।

ପୃଥକ ଭାବେ, ମୋର ପରିବାରର ସମ୍ବନ୍ଧ ଥିବା ଅନ୍ୟ ଏକ କମ୍ପାନୀ ଇମ୍ଫା ପାଇଁ ପି. ଚିଦାମ୍ବରମ ନ୍ୟାୟାଳୟରେ ହାଜର ହୋଇଥିବା ଏବଂ ଏଥିରେ ତାଙ୍କ ପତ୍ନୀଙ୍କ ଅଂଶଧନ ରହିଥିବା ଯୋଗୀ ଅଭିଯୋଗ ଆଣିଥିଲେ। ବାସ୍ତବରେ, ୧୯୮୦ ଏବଂ ୧୯୯୦ରେ ଶ୍ରୀ ଚିଦାମ୍ବରମ କମ୍ପାନୀ ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଉପସ୍ଥିତ ହୋଇଥିଲେ, କିନ୍ତୁ ଅଭିଯୋଗ ସହ ଏହାର କୌଣସି ସମ୍ପୃକ୍ତି ନାହିଁ। ଶ୍ରୀମତି ଚିଦାମ୍ବରମ ଅଂଶଧନ କିଣିବା ସମୟରେ କହିରଖିବାକୁ ଚାହେଁ ଯେ ଏହି ତାଲିକାଭୁକ୍ତ କମ୍ପାନୀରେ, ଯେଉଁଥିରେ କେହି ମଧ୍ୟ ଅଂଶଧନ କିଣିପାରିବେ, ସେଥିରେ ଏନ୍. ଚିଦାମ୍ବରମ ମାତ୍ର ୧୦ଟି ଅଂଶଧନ କିଣିଛନ୍ତି। ନିଜର ଜାତି ପ୍ରମାଣପତ୍ରରେ ଜାଲିଆତି କରି କାର୍ଯ୍ୟାନୁଷ୍ଠାନର ସାମ୍ନା କରୁଥିବା ଶ୍ରୀ ଯୋଗୀ କିଛି ପୁରୁଣା ଅଭିଯୋଗଗୁଡ଼ିକୁ ପୁନଃ ଉପସ୍ଥାପିତ କରିଛନ୍ତି, ଯେଉଁଗୁଡ଼ିକର ସ୍ପଷ୍ଟୀକରଣ ଲଗାତର ବହୁ ପୂର୍ବରୁ ଦିଆଯାଇଛି।

## "ବ୍ୟାଙ୍କ ଋଣ"

୧୯୮୦ରେ ପାରିବାରିକ ବ୍ୟବସାୟ ଅନ୍ତର୍ଗତ ୨ କମ୍ପାନୀ ମଧ୍ୟରୁ ମୋର ଅଂଶଧନ (ଅନ୍ୟ କେତେକ ସମ୍ପର୍କୀୟଙ୍କ ସହ) ଥିବା ଏକ କମ୍ପାନୀ ବିବାଦ ଏବଂ କଞ୍ଚାମାଲ ଅଭାବରୁ ରୁଗ୍ଣ ହୋଇପଡ଼ିଥିଲା। ଏଥିପାଇଁ କେହି ଦୋଷୀ ନ ଥିଲେ, କିନ୍ତୁ କଞ୍ଚାମାଲ ଅଭାବରୁ କମ୍ପାନୀ (ଆଇସିସିଏଲ) କ୍ଷମତାଠାରୁ ଖୁବ କମ ଉତ୍ପାଦନ କରିବାରେ ଲାଗିଲା

ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିଲା । କିଛି ବର୍ଷ ପରେ ସର୍ବୋଚ୍ଚ ନ୍ୟାୟାଳୟ କମ୍ପାନୀ ସପକ୍ଷରେ ରାୟ ଶୁଣାଇଥିଲେ ଏବଂ କର୍ପୋରେଟ ଋଣ ପୁନର୍ଗଠନ (ସିଡିଆର) ପରେ କମ୍ପାନୀ ପୁଣି କାର୍ଯ୍ୟକ୍ଷମ ହୋଇଥିଲା । ସିଡିଆର ନିୟମାନୁସାରେ ଥିଲା ଏବଂ ଆଂଶିକ ଋଣ ହ୍ରାସ ସାମିଲ ଥିଲା (ଅଧିକାଂଶ ଦଣ୍ଡସ୍ୱରୂପ ସୁଧ, କିନ୍ତୁ ଫରେକ୍ସ ଅସ୍ଥିରତା ଓ ମୂଳଧନ ଭଳି ଅଂଶ ନୁହେଁ) । ଅଂଶଧନକାରୀମାନେ ସିଡିଆର ପୁନଃସ୍ଥାପନ ପାଇଁ ନିଜ ଅଂଶଧନ ମଧ୍ୟରୁ ୫୦% ଏବଂ ଅନ୍ୟ ଏକ କମ୍ପାନୀ (ଇମ୍ଫା) ଆୟର ୮୫% ହସ୍ତାନ୍ତର କରିବାକୁ ରାଜି ହୋଇଥିଲେ । ଏହାପରେ ପୁନର୍ଗଠିତ ଋଣ ପରିଶୋଧ ହୋଇଥିଲା ଏବଂ ୨ କମ୍ପାନୀର ସମ୍ମିଶ୍ରଣ ଘଟିଥିଲା ।

## "ବିଦ୍ୟୁତ ବିଲ ବକେୟା ଛାଡ଼"

ଓଡ଼ିଶାରେ ମୋର ପାରିବାରିକ ବ୍ୟବସାୟ ଅନ୍ତର୍ଗତ କମ୍ପାନୀ (ଇମ୍ଫା)ର ରାଜ୍ୟ ବିଦ୍ୟୁତ ବୋର୍ଡ (ପରେ ବିଚ୍ଛିନ୍ନ ଏବଂ ଆଂଶିକ ଘରୋଇକରଣ ହୋଇଥିବା) ସହ ଆଇନଗତ ବିବାଦ ରହିଥିଲା । ଯୋଗାଣ ଚୁକ୍ତି ଏବଂ କାରବାର ନିୟମର ଉଲ୍ଲଂଘନ କରାଯାଇ ବିଲିଂ କରାଯାଇଛି ବୋଲି ଅଭିଯୋଗ କରି କମ୍ପାନୀ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲା । ନ୍ୟାୟାଳୟ ମଧ୍ୟସ୍ଥତା ତଥା ସର୍ବସମ୍ମତି କ୍ରମେ ଏହି ଅଭିଯୋଗକୁ ଠିକ୍ ବୋଲି ଦର୍ଶାଇ କମ୍ପାନୀକୁ ରିଫଣ୍ଡ ଦେବା ଉଚିତ ବୋଲି କହିଥିଲେ । ମାତ୍ର ଭୁଲ ସମ୍ବାଦ ପ୍ରକାଶନ ଯୋଗୁ କମ୍ପାନୀକୁ ବିଦ୍ୟୁତ ବକେୟା ଛାଡ଼ କରାଯାଇଛି ବୋଲି ଅନେକ ବିଶ୍ୱାସ କରନ୍ତି ।

ପୃଥକ୍ ଭାବେ ରାଜ୍ୟ ସରକାର ଏବଂ ଅନେକ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟରେ ବିଦ୍ୟୁତ ଶୁଳ୍କ ବିବାଦ ଥିବା ବେଳେ ଏଗୁଡ଼ିକ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି । ଏହି କମ୍ପାନୀଗୁଡ଼ିକ ମଧ୍ୟରେ ଇମ୍ଫା ରହିଛି ଏବଂ ବିବାଦିତ ଅର୍ଥ ରାଶି ନ୍ୟାୟାଳୟ (ସରକାରଙ୍କ ବଦଳରେ)ରେ ଜମା କରୁଛି । ଅନ୍ୟପକ୍ଷେ ନ୍ୟାୟିକ ନିର୍ଣ୍ଣୟ ମଧ୍ୟ ଜାରି ରହିଛି ।

## "୧୩ ଏକରର ଜମି"

୧୯୮୦ରେ ମୋର ପାରିବାରିକ ବ୍ୟାବସାୟିକ ସମୂହ ଅନ୍ତର୍ଗତ କମ୍ପାନୀ (ଇମ୍ଫା) ଏକ କ୍ଷତି ସହୁଥିବା କମ୍ପାନୀ କଳିଙ୍ଗ ଟ୍ୟୁବ୍‌ସ ଲିମିଟେଡ (କେଟିଏଲ)କୁ ଅଧିଗ୍ରହଣ (ପରେ ବିଲୟ ହୋଇଥିବା) କରିଥିଲା । ଏହି ପ୍ରକ୍ରିୟାରେ ପ୍ରାୟ ୩୦୦ ଏକର ପର୍ଯ୍ୟନ୍ତ ପରିବ୍ୟାପ୍ତ (୧୯୫୦ରେ ପ୍ରତିଷ୍ଠିତ) କେଟିଏଲ୍‌ର ପରିସରକୁ ଅଧିଗ୍ରହଣ କରାଯାଇଥିଲା, ଯେଉଁଠାରେ ବର୍ତ୍ତମାନ ଏକ ଉତ୍ପାଦନ କାରଖାନା ରହିଛି । ୧୯୭୬ରେ କେଟିଏଲ ଜମିର ଏକ କ୍ଷୁଦ୍ର ଅଂଶର ରେକର୍ଡ ନେଇ ଆଇନଗତ ମାମଲା (ପରେ ଇମ୍ଫା ଦ୍ୱାରା ସ୍ୱୟଂଚାଳିତ ଭାବେ ପ୍ରତିସ୍ଥାପିତ) ଆରମ୍ଭ କରିଥିଲା ।

ତେବେ ୧୯୯୦ରେ ନ୍ୟାୟାଳୟ ମୋର କମ୍ପାନୀ ସପକ୍ଷରେ ରାୟ ଦେଇଥିଲେ। ଏଣୁ ଜମିର ମାଲିକାନା ନେଇ କୌଣସି ସନ୍ଦେହ ନାହିଁ।

## ଶେଷରେ:

ମୁଁ ସେହି ପ୍ରଶ୍ନଗୁଡ଼ିକ ଉପରେ ବିଶ୍ୱାସ କରେ, ଯେଉଁଥିରେ କିଛି ବାସ୍ତବତା ଥାଏ। ଉପରୋକ୍ତ ସମସ୍ତ ତଥ୍ୟ ଠିକ୍, ସତ୍ୟ ଏବଂ ଯାଞ୍ଚ ହେବା ଯୋଗ୍ୟ। ତଥାପି, ମୁଁ କେତେ ଥର ଅନୁଭବ କରିଛି ଅଭିଯୋଗଗୁଡ଼ିକୁ ଖଣ୍ଡନ କିମ୍ବା ସ୍ପଷ୍ଟ କରିବା ପରେ ମଧ୍ୟ ମୋତେ ଅଧିକ ଯୁକ୍ତିରେ ସମ୍ପୃକ୍ତ କରାଯାଏ, ଯାହାକୁ ମୁଁ ଗ୍ରହଣ କରେ ନାହିଁ।